


WE CAN

End All violence against women

# ଏକାଠି ହେଲେ ଆମେ ପାରିବା

## ଏକ ସାମୁହିକ ପରିବର୍ତ୍ତନ ଆଣିବା ଦିଗରେ...

## "ୱି କ୍ୟାନ" ବା ଆମେ ପାରିବା ରେ ଆପଣଙ୍କ ର ସହଯୋଗିତା ନିମ୍ନମତେ ସାହାଯ୍ୟ କରିବ!

- ଏହି ଆନ୍ଦୋଳନକୁ ଶକ୍ତି ମିଳିବ ଓ ସେହି ଅଞ୍ଚଳର କୋଟି କୋଟି ମହିଳାଙ୍କର ଜୀବନରେ ପରିବର୍ତ୍ତନ ଆସିବ ।
- ମହିଳା ଓ ଝିଅମାନଙ୍କ ପାଇଁ ଭେଦଭାବ ସୃଷ୍ଟିକରୁଥିବା ମୂଲ୍ୟବୋଧ, ମାନସିକତା ଓ ବ୍ୟବହାର ରେ ମଧ୍ୟ ପରିବର୍ତ୍ତନ ଆସିବ ।
- ମହିଳା ମାନଙ୍କ ବିରୁଦ୍ଧରେ ହେଉଥିବା ସମସ୍ତ ହିଂସାମୂଳକ କାର୍ଯ୍ୟକଳାପ ସମାପ୍ତ କରାଇବା ପାଇଁ ସରକାର, ସମାଜ ଏବଂ ବ୍ୟକ୍ତି ବିଶେଷଙ୍କଠାରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ ପାଇଁ ଦାବୀ କରିବା ।

# ଏକାଠି ହେଲେ ଆମେ ପାରିବା

ଆଜି ଦକ୍ଷିଣ ଏସିଆରେ ପ୍ରତି ଦୁଇଜଣରେ ଜଣେ ମହିଳା, ତାଙ୍କର ଦୈନନ୍ଦିନ ଜୀବନରେ ହିଂସା ଓ ଅପ୍ରିତିକର ପରିସ୍ଥିତି ସହିତ ଜୀବନ ବିତାଉଛନ୍ତି । କିନ୍ତୁ ଜଣେ ବ୍ୟକ୍ତି ବା ସମାଜ ହିସାବରେ ଆମେ ସମସ୍ତେ ଏକ ହିଂସା ମୁକ୍ତ ବିଶ୍ୱର କଳ୍ପନା କରିପାରିବା ନାହିଁ କି?

ଏହା ଯେ ସ–ୂର୍ଣ୍ଣ ମାତ୍ରାରେ ସମ୍ଭବ ଏକଥା ଆମେ ବିବେଚନା କରିପାରିବା ନାହିଁ କି?

ଆମେ ଯେମିତି ଆମ ଗୃରିପାଖରେ ଦେଖୁଛୁ "ଆମେ ପାରିବା!"

ଏହି ଅଭିଯାନରେ ଯେଉଁମାନେ ସାମୁହିକ ପରିବର୍ତ୍ତନକାରୀ ହୋଇପାରିଛନ୍ତି, ଆମେ ସେହିସବୁ ଗୋଷ୍ଠୀ, ସଂସ୍ଥା ଏବଂ ସମୂହ ମାନଙ୍କର ବିଷୟରେ ଆପଣଙ୍କ ସହିତ ଆଲୋଚ଼ନା କରିବୁ ।

"ଆମେ ପାରିବା" ହେଉଛି ଗୋଟିଏ ୬ ବର୍ଷିୟ, ୬ ରାଷ୍ଟ୍ରୀୟ ଦକ୍ଷିଣ ଏସୀୟ ଅଭିଯାନ ଯାହାକି ଭେଦଭାବ ଓ ହିଂସା ସୃଷ୍ଟି କରୁଥିବା ସାମାଜିକ ଚଳଣି ଓ ପ୍ରଥାକୁ ଦୂର ଏବଂ ବିନାଶ କରିବାକୁ ଆରମ୍ଭ କରାଯାଇଛି ।

୨୦୦୪ ମସିହାରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ, ବଙ୍ଗଳାଦେଶ, ଶ୍ରୀଲଙ୍କା, ଭାରତ, ନେପାଳ, ପାକିସ୍ଥାନ ଏବଂ ଆଫଗାନିସ୍ଥାନରେ ୨.୭ ନିୟୁତ ଚେଞ୍ଜମେକର ବା ପରିବର୍ତ୍ତନକାରୀ ସୃଷ୍ଟି ହୋଇଛନ୍ତି ।

"ୱି କ୍ୟାନ" ସେହିସବୁ ସାଧାରଣ ମହିଳା ଓ ପୁରୁଷଙ୍କ ପାଖରେ ପହଞ୍ଚିଥାଏ ଯିଏ ଏକ ସାମୁହିକ ପରିବର୍ତ୍ତନ ପାଇଁ ପଦକ୍ଷେପ ଗ୍ରହଣ କରନ୍ତି ଏବଂ ମହିଳାମାନଙ୍କ ବିରୁଦ୍ଧରେ ହିଂସାକୁ କମ୍ କରାଇବା ପାଇଁ ସାମାଜିକ ଗ୍ରହଣୀୟତାକୁ କମ୍ କରିବା ତଥା ବର୍ତ୍ତମାନର କ୍ଷମତାଶୀଳ ସ– ର୍କକୁ ପରିବର୍ତ୍ତନ ଆଣିବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି କ୍ଷେତ୍ରରେ ବର୍ତ୍ତମାନ ବହୁତ କିଛି ହେଉଛି...

---

**୨୦୧୧ ମସିହା ସୁଦ୍ଧା ଦକ୍ଷିଣ ଏସିଆରେ ଏହି ଅଭିଯାନ ୫୦ କୋଟି ପୁରୁଷ ଓ ମହିଳାଙ୍କ ପାଖରେ ପହଞ୍ଚିବ ଯେଉଁମାନେ କି ନାରୀମାନଙ୍କ ଉପରେ ହେଉଥିବା ସମସ୍ତ ହିଂସାର ବିରୋଧ କରୁଥିବେ ।**



ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ସମସ୍ତ ହିଂସା ସମାପ୍ତ କରିବାପାଇଁ ଏହା ଏକ ଦକ୍ଷିଣ ଏସୀୟ ଅଭିଯାନ ଯାହାକି ବାଙ୍ଗଲାଦେଶ, ଶ୍ରୀଲଙ୍କା, ଭାରତ, ନେପାଳ, ପାକିସ୍ଥାନ ଏବଂ ଆଫଗାନିସ୍ଥାନରେ ଗୃଲୁଅଛି । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ସମାଜ ଭିତରେ ଗଭୀର ଭାବରେ ସ୍ଥାନ ନେଇଥିବା  ଲିଙ୍ଗଭିତ୍ତିକ ସାମାଜିକ ପ୍ରଥା ଓ ଚଳଣି ଯାହାସବୁ ଲିଙ୍ଗୀୟ ଆଧାରିତ ଭେଦଭାବ ତଥା ଲିଙ୍ଗୀୟ ହିଂସା ଓ ଅତ୍ୟାଗୃରକୁ ପ୍ରୋତ୍ସାହିତ କରିଥାଏ ସେସବୁକୁ ହ୍ରାସ ବା ପରିବର୍ତ୍ତନ କରିବାଦିଗରେ କାମ କରିବା ଓ କରାଇବା ।

# ଏକାଠି ହେଲେ ଆମେ ପାରିବା

ଏହି ଅଭିଯାନ ପରିବର୍ତ୍ତନ ଢ଼ାଞ୍ଚା ଏଭଳି, ଯେଉଁଥିରେ ବହୁସଂଖ୍ୟକ ଲୋକ ତଥା ସଂସ୍ଥା (ପରିବର୍ତ୍ତନକାରୀ) ମାନଙ୍କୁ ଜନସାଧାରଣରେ ମହିଳାମାନଙ୍କ ହିଂସା ବିରୁଦ୍ଧରେ ପ୍ରସ୍ତୁତ କରିବା ତଥା ମହିଳାମାନଙ୍କ ପ୍ରତି ହିଂସା ବିରୁଦ୍ଧରେ ବିଭିନ୍ନ ପ୍ରକାର ଜନ ସଚେ୍ତନ ମୂଳକ କାର୍ଯ୍ୟକ୍ରମ ଏବଂ ଏହି ପ୍ରସଙ୍ଗ ପ୍ରତି ସମ୍ବେଦନଶୀଳତା ସୃଷ୍ଟି ଦିଗରେ କାମ କରିବାସହ ସେମାନଙ୍କୁ ପ୍ରବର୍ତ୍ତାଇବାଦିଗରେ ସହାୟକ ହେବା । ତେଣୁ ଲୋକମାନଙ୍କର ଚିନ୍ତା କରିବାର ଶକ୍ତି ଏବଂ ସେମାନେ ସାମିଲ ହେବା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ / ଲୋକ ଏବଂ ଲୋକମାନଙ୍କର ମାନସିକତାରେ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦିଆଯାଏ ।

ଏହି ଅଭିଯାନ, ଏକ ସକାରାତ୍ମକ ବାର୍ତ୍ତାକୁ ପ୍ରଚ୍ଚାର ଓ ପ୍ରସାର କରେ ଯାହା ହେଉଛି "ହିଂସା କୌଣସି ମତେ ଗ୍ରହଣୀୟ ନୁହେଁ ବା ସହ୍ୟ କରାଯିବା ଉଚିତ୍ ନୁହେଁ ଏବଂ ସାଧାରଣ ମହିଳା ଓ ପୁରୁଷଙ୍କ ପାଖରେ ହିଁ ଏହାକୁ ବିଲୋପ କରିବାର କ୍ଷମତା ଅଛି । ତେଣୁ ଏହି ଅଭିଯାନ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଏବଂ ପ୍ରୋତ୍ସାହନ ଦେଇଥାଏ ଓ ଜନସାଧାରଣ ଯଦ୍ୱାରା ଏକ ପରିବର୍ତ୍ତନ ଅବଲମ୍ବନ କରି ସାରା ବିଶ୍ୱକୁ ଏକ ନ୍ୟାୟ ସତ୍ୟ ଏବଂ ସମଭାବାପନ୍ନ ସ୍ଥାନ କରି ଗଢ଼ି ତୋଳିବେ ।

**ଉଦାହରଣ ସ୍ୱରୂପ, ବାଙ୍ଗାଲାଦେଶରେ, ଟ୍ରେଡ୍ ୟୁନିୟନ ସେଣ୍ଟର ଠାରେ, ଯେଉଁଠି ଗୋଟିଏ ଗାରମେଣ୍ଟ ଫ୍ୟା 1 ଏବଂ କିଛି କନ୍‌ଷ୍ଟ୍ରକସନ୍ ମଜୁରିଆ ଥିଲେ, ସେମାନେ ଏହି ଅଭିଯାନରେ ଯୋଗ ଦେଲେ ଏବଂ ସ୍ଲୋଗାନ ଥିଲା "ସମାନ ସ ର୍କ ଓ ସମାନ ପାରିଶ୍ରମିକ" ଏବେ ଏହି କା ନ୍ ଧୀରେ ଧୀରେ ପ୍ରସାର ଲାଭ କରିଛି ଏବଂ ପ୍ରାୟ ୨.୭ ନିୟୁତରୁ ଅଧିକ ଲୋକ ଏଣିକି ଏହି ଅଭିଯାନରେ ଯୋଗ ଦେଇସାରିଛନ୍ତି ।**

## ରେଡିଓ ହେଉଛି ସବୁଠାରୁ ଜନପ୍ରିୟ ମାଧ୍ୟମ, ଯାହାଦ୍ୱାରା ଅଭିଯାନର ବାର୍ତ୍ତାସବୁ ଖୁବ୍ ଶୀଘ୍ର ପ୍ରସାରିତ ହୋଇପାରେ ଏବଂ ପରିବର୍ତ୍ତନକାରୀ ମାନଙ୍କୁ ସଂଯୋଗ କରିପାରେ ।

ନେପାଳରେ ରେଡିଓ ମାଧ୍ୟମରେ ଏହି ଆମେ ପାରିବା ଅଭିଯାନ ଏକ ଜନପ୍ରିୟ କାର୍ଯ୍ୟକ୍ରମ ହୋଇପାରିଛି ଏଣୁ ଆମେ ତାଙ୍କୁ ଧନ୍ୟବାଦ ଅର୍ପଣ କରୁଛୁ ଏବଂ ଏହାଫଳରେ "ୱି କ୍ୟାନ୍ ରେଡିଓ ଲିସନର" କ୍ଲବ ମଧ୍ୟ ସୃଷ୍ଟି ହୋଇଛି ଏବଂ ବହୁତ ପରିବର୍ତ୍ତନକାରୀ ମଧ୍ୟ ସୃଷ୍ଟି ହେଉଛନ୍ତି ।

ଭାରତର ଯୋଧପୁର ଏବଂ ଉଦୟପୁର ପରି ସହରରେ ଏହି ପ୍ରସାରର ପ୍ରସଙ୍ଗ ଆଧାରିତ ଏକ କାର୍ଯ୍ୟକ୍ରମ, "ଖାମୁସ୍ ନେହିଁ ରହନା ହେଁ" ପ୍ରଥମେ ୧୨ଟି ଜିଲ୍ଲା ଏବଂ ୧,୫୦,୦୦୦ ପରିବର୍ତ୍ତନକାରୀ ଲକ୍ଷ୍ୟ ଧାର୍ଯ୍ୟ ଶ୍ରୋତାଙ୍କ ପାଖରେ ପହଞ୍ଚିବାପରି ଆରମ୍ଭ ହୋଇଥିଲା ।

**ଆଜି, ଏହି ଅଭିଯାନ ବେତାର ମାଧ୍ୟମରେ ଲୋକଙ୍କ ପାଖରେ ପହଂଚୁଛି । ଏବଂ ଏହି କାର୍ଯ୍ୟକ୍ରମ ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ରୂପେ କାମ କରୁଛି ।**



# ବେତାର ମାଧ୍ୟମରେ



# ଏକା ପରି ସମର୍ଥନ
# ସମର୍ଥନ "ଇଉନିଫର୍ମଧାରୀ"ଙ୍କଠାରୁ

# ଏହି ଅଭିଯାନଦ୍ୱାରା ପୋଲିସ୍ ବିଭାଗ ଗୁଡ଼ିକ ସହ କଥାବାର୍ତ୍ତା କରାଯାଉଛି ଏବଂ ଆମକୁ ବେଶ୍ ଉତ୍ସାହଜନକ ପ୍ରତିକ୍ରିୟା ମଧ୍ୟ ମିଳିଛି ।

ଭାରତର ତାମିଲନାଡୁରେ ୭୦୦ ସବ୍ ଇନିସପେକ୍ଟର ଏହି ଅଭିଯାନରେ ସାମିଲ ହୋଇ ଶପଥ ପାଠ କରିଛନ୍ତି । ଗୋଟିଏ "ଓ୍ୱି କ୍ୟାନ୍ ଆମେ ପାରିବା-ଆରକ୍ଷୀ ଉଦ୍ୟମ" ସ୍ଥାପନା କରାଯାଇଛି । ପୋଲିସ୍ ମାନଙ୍କର ମୋବାଇଲ ଭ୍ୟାନ୍ ଗୁଡ଼ିକୁ, ଅଭିଯାନର ବାର୍ତ୍ତା ପ୍ରଚାର ପାଇଁ ବ୍ୟବହାର କରାଯାଉଛି ଏବଂ ମହିଳା ପୋଲିସ୍ ମାନେ ବିଭିନ୍ନ ଲୋକଙ୍କୁ ଏହି ଅଭିଯାନରେ ସାମିଲ ଦେବାକୁ ଆମନ୍ତ୍ରଣ କରୁଛନ୍ତି ।

ପାକିସ୍ଥାନର ଗୋଟିଏ ସ୍ଥାନୀୟ ପୋଲିସ୍ ଷ୍ଟେସନରେ ବର୍ତ୍ତମାନ ଆନ୍ତର୍ଜାତୀୟ ମାନବ ଅଧିକାର ଦିବସ ପାଳନ କରାଯାଉଛି । ଜଣେ ପୋଲିସ୍ ପରିବର୍ତ୍ତନକାରୀ ଅଭିଯାନ ଫଳରେ ବର୍ତ୍ତମାନ ଏହି ବିଭାଗରେ ଏକ ଭିନ୍ନ ମହିଳା ରିପୋର୍ଟ ସେଣ୍ଟର ପ୍ରଥମ ଥରପାଇଁ ସ୍ଥାପନ କରାଯାଇଛି ।

ଓ୍ୱି କ୍ୟାନ୍ ସହ ସଂଶ୍ଳିଷ୍ଟ ହେବାପରେ, ସିନ୍ଧୁଦୁର୍ଗ, ମହାରାଷ୍ଟ୍ର, ଭାରତର ଥାନା ବିଭାଗ ବହୁତ ଗୁଡ଼ିଏ ଜନ ସଚେତନ କାର୍ଯ୍ୟକ୍ରମ କରାଇଛନ୍ତି ଯେପରିକି ମହିଳା ପୋଲିସ୍ କର୍ମୀମାନଙ୍କୁ ନିରାପଦ ଢଙ୍ଗରେ କାମ କରିବାର ପରିବେଶ ପ୍ରଦାନ କରୁଛନ୍ତି, ମହିଳା ନିରାପତ୍ତା ପାଇଁ ଗାର୍ଡ ମାନଙ୍କୁ ନିଯୁକ୍ତି ଦିଆ ଯାଉଛି ଏବଂ ଏହି ସମସ୍ତ କାର୍ଯ୍ୟକଳାପକୁ ସଂସ୍ଥା ଭିତରେ ଯଥେଷ୍ଟ ମାନ ସମ୍ମାନ ମିଳିଛି ।

**ଏହି ସମଗ୍ର ଅଞ୍ଚଳରେ, ଏପ୍ରକାରର ସକ୍ରିୟ ପରିବର୍ତ୍ତନ ଗୁଡ଼ିକ, ଏହି ବିଭାଗ ସହ ଦୃଢ଼ଗତିରେ ହେଉଥିବାର ଲକ୍ଷ୍ୟ କରାଯାଉଛି ତେଣୁ ଏହା ମହିଳାମାନଙ୍କ ପ୍ରତି ଅନୁକୂଳ ପରିବେଶ ସୃଷ୍ଟି, ବନ୍ଧୁତ୍ୱପୂର୍ଣ୍ଣ ସ  ର୍କ, ଲିଙ୍ଗୀୟ ସମ୍ବେଦନଶୀଳତା ଇତ୍ୟାଦି ମଧ୍ୟ ସୃଷ୍ଟି କରିପାରିଛି ।**

## ଭିନ୍ନକ୍ଷମ ଲୋକମାନଙ୍କ ଗୋଷ୍ଠୀମାନେ, ଏହି ଅଭିଯାନ ବେଶ ସକ୍ରିୟ ହୋଇଯାଇଛନ୍ତି ଏବଂ ସେମାନେ ମହିଳାମାନଙ୍କର ଚଳ ପ୍ରଚଳ ପରି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କର ଏକତା ବା ସମସ୍ୱାର୍ଥତା ମଧ୍ୟ ପ୍ରଦର୍ଶନ କରୁଛନ୍ତି ।

ଓଡ଼ିଶାର ଭିନ୍ନକ୍ଷମ ଲୋକମାନଙ୍କର ଏକ ସଂଗଠନ, ଏହି ଅଭିଯାନର ଏକ ଅଂଶ ହୋଇଛି ଏବଂ ତାଙ୍କ ଅଞ୍ଚଳରେ ଏହାକୁ ସମର୍ଥନ କରୁଛି । ଏହି ସଂସ୍ଥା, ନିଜ ଅଞ୍ଚଳରେ ଝିଅ ପିଲାମାନଙ୍କର ଶିକ୍ଷା, ସେମାନଙ୍କର ଚଳପ୍ରଚଳ ଏବଂ ଅଭିବ୍ୟକ୍ତି ପ୍ରକାଶ କରିବାର ସ୍ୱାଧୀନତା ଇତ୍ୟାଦି ବିଷୟରେ ସ୍ୱର ଉତ୍ତୋଳନ କରୁଛନ୍ତି ଏବଂ କାମ କରୁଛନ୍ତି ।

ଦ ନ୍ୟାଶନାଲ ଆସୋସିଏସନ୍ ଅଫ୍ ଫିଜିକାଲି ଡିଜାବଲ୍ଡ, ନେପାଳ ଏହି ୱି କ୍ୟାନ ଅଭିଯାନରେ ୨୦୦୫ ମସିହାରୁ ଏକ ସକ୍ରିୟ ସଂସ୍ଥା ଭାବରେ କାମ କରି ଆସୁଅଛି ।

ଏହି ଅଭିଯାନର କେତେକ ଯୋଗାଯୋଗ ସମ୍ବନ୍ଧୀୟ ସାମଗ୍ରୀ ବ୍ରେଲିଲିପିରେ ଲେଖାଯାଇଛି ଯାହାକି ଦୃଷ୍ଟିଗତ ସମସ୍ୟାଥିବା ଏକ ଗୋଷ୍ଠୀର ଲୋକଙ୍କ ପାଇଁ ବାର୍ତ୍ତା ପ୍ରେରଣ ପାଇଁ ସହାୟକ ହେଉଛି ।

ଏହି ଗୋଷ୍ଠୀର ଲୋକମାନେ ଏବେ ସେ ସମସ୍ତ କଷ୍ଟକୁ ଦୂର କରିବାକୁ ପଣ କରିଛନ୍ତି ଏବଂ ଏମାନେ ଏହି ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇସାରିଛନ୍ତି ।



# ଐକ୍ୟ ଏବଂ ସମସ୍ୱାର୍ଥତା ପ୍ରତିପାଦନ କରିବା

# ପରିବର୍ତ୍ତନ ପାଠ୍ୟକ୍ରମ



## ବିଦ୍ୟାଳୟ, ଏକ ଏପରି ସଂସ୍ଥା ଯାହାକି ସମାଜରେ ପରିବର୍ତ୍ତନ ଏବଂ ବାର୍ତ୍ତାର ପ୍ରସ୍ତୁର ପାଇଁ ମୂଖ୍ୟ ମଞ୍ଚଭାବରେ କାମ କରିବା ଆରମ୍ଭ କରିଛି ।

ବାଙ୍ଗାଲାଦେଶର ୧୦୦୦ରୁ ଅଧିକ ସ୍କୁଲକୁ ସରକାରଙ୍କପକ୍ଷରୁ ଲିଖିତ ଅନୁମତି ଦିଆଯାଇଛି, ଯାହାଦ୍ୱାରା ଏହି ଅଭିଯାନକୁ ବିଦ୍ୟାଳୟର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ସ୍କୁଲର ପିଲାମାନେ ତଥା ଶିକ୍ଷକମାନେ, ସେମାନଙ୍କ ସ୍କୁଲରେ ଅନେକ ପରିବର୍ତ୍ତନକାରୀ ସୃଷ୍ଟି କରିଛନ୍ତି ଏବଂ ଏହି ପିଲାମାନେ, ଏହି ଅଭିଯାନକୁ ଗାଁ ଗହଳି ଓ ଗୋଷ୍ଠୀଯାଏଁ ପହଞ୍ଚାଇ ପାରିଛନ୍ତି ।

ରାଜସ୍ଥାନ ଅନ୍ତର୍ଗତ ନୋସେରା ଅଞ୍ଚଳର ଏକ ଛୋଟିଆ ଗାଁରେ, ଝିଅ ବା ଛାତ୍ରୀମାନଙ୍କର ଉପସ୍ଥାନ ସ୍କୁଲରେ ଦୃତଗତିରେ କମି ଗ୍ଭଲିଥିଲା ଏହା ଜଣେ ଯୁବ ପରିବର୍ତ୍ତନକାରୀ ଦେଖିବାପରେ, ଉପଯୁକ୍ତ ପଦକ୍ଷେପ ଗ୍ରହଣ କଲେ ଏବଂ ବିଦ୍ୟାଳୟ କମିଟି ଏହି ପ୍ରସଙ୍ଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତୁରନ୍ତ ନିଷ୍ପତ୍ତି ଗ୍ରହଣ କଲେ । ଗ୍ରାମ ପଞ୍ଚାୟତ ସହମିଶି, ସେମାନେ ଗ୍ରାମର ସବୁ ଛାତ୍ରୀମାନଙ୍କର ସୁରକ୍ଷା ପ୍ରସଙ୍ଗଉପରେ ମଧ୍ୟ ବିସ୍ତୃର ଆଲୋଚ୍ନା କରି, ଉଚିତ୍ ପଦକ୍ଷେପମାନ ଗ୍ରହଣ କରାଗଲା ଆହୁରି ମଧ୍ୟ ସେମାନେ ପିଲାମାନଙ୍କର ଅଭିଭାବକ ମାନଙ୍କ ସହ ଅନେକ ପ୍ରସଙ୍ଗ ଯେମିତିକି ଲିଙ୍ଗୀୟ ଆଧାରିତ ହିଂସା, ଲିଙ୍ଗ ଭିତ୍ତିକ ଚିରାଚ୍ରିତ ପ୍ରଥା, ତଥା ସାମାଜିକ ଗ୍ଭଲିଚ୍ଲନ ଉପରେ ଆଲୋଚ୍ନା କରିଲେ, ଯାହା ସବୁ ପରିବର୍ତ୍ତନ ହେବା ନିହାତି ଆବଶ୍ୟକ ।

## ମ୍ୟୁନିସିପାଲ କର୍ପୋରେଶନ ମଧ୍ୟରେ ହୋଇଥିବା ପରିବର୍ତ୍ତନ, ଇତି ମଧ୍ୟରେ ଏହି ଅଭିଯାନକୁ ଏକ ନୂତନରୂପ ଦେଲା ଏବଂ ମହିଳାମାନଙ୍କ ବିରୁଦ୍ଧରେ ହିଂସାକୁ ଦମନ ଦିଗରେ ସାମାଜିକ ସ୍ତରରେ କଥାବାର୍ତ୍ତା ପାଇଁ ସୁଯୋଗ ସୃଷ୍ଟି କଲା ।

ପାକିସ୍ଥାନରେ ଜଣେ ସକ୍ରିୟ ପରିବର୍ତ୍ତନକାରୀ କାଉନସିଲରଙ୍କର କଠିନ ପରିଶ୍ରମ ଫଳରେ, ବିଭିନ୍ନ ମ୍ୟୁନିସିପାଲ କମିଟି ଗୁଡ଼ିକରେ ମହିଳା ମାନଙ୍କର ଅଂଶ ଗ୍ରହଣର ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି ।

ବଙ୍ଗଳାଦେଶରେ ୫୦୦ ୟୁନିୟନ କାଉନସିଲ ଏବଂ ୨୦ ମ୍ୟୁନିସିପଲ କର୍ପୋରେଶନ ଏହି ଅଭିଯାନରେ ସଂପୃକ୍ତ ଅଛନ୍ତି ।

ଭାରତର ମହାରାଷ୍ଟ୍ର ଅନ୍ତର୍ଗତ ସାଓ୍ୱନବାଡ଼ି ମ୍ୟୁନିସିପାଲିଟି କର୍ପୋରେଶନରେ ଏହି ନିକଟରେ ଗୋଟିଏ କର୍ମଚାରୀ ସ୍ତରୀୟ ପରିବର୍ତ୍ତନକାରୀ ସମାବେଶ ଆୟୋଜିତ ହୋଇଥିଲା ପୁଣି ତା ସହିତ ଏହି କର୍ପୋରେଶନ ଅନ୍ତର୍ଗତ ବିଦ୍ୟାଳୟ ଗୁଡ଼ିକରେ ଏହି ଅଭିଯାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମ କରି ଆସୁଛି ।

ଏହି ସମଗ୍ର ଅଞ୍ଚଳରେ, ଅନେକ ଗୁଡ଼ିଏ ମ୍ୟୁନିସିପାଲ କାଉନସିଲର ମଧ୍ୟ ସମର୍ଥନ କରୁଛନ୍ତି ଏବଂ ବର୍ତ୍ତମାନ ସେମାନେ ନିଜ ନିଜର ଓ୍ୱାର୍ଡରେ ସକ୍ରିୟ ଭାବରେ ଏହି ଅଭିଯାନରେ ସଂପୃକ୍ତ ମଧ୍ୟ ହେଉଛନ୍ତି ।




# ନିଜ ଭିତରେ ପରିବର୍ତ୍ତନ



# ବିଶ୍ୱାସ ରଖିବା

## ଧର୍ମପୀଠ ଗୁଡ଼ିକ, ସମଗ୍ର ଅଞ୍ଚଳରେ ସମାଜପ୍ରତି ଜଟିଳ ହେଲେ ମଧ୍ୟ ସେମାନେ ଏହି ଅଭିଯାନରେ ସକ୍ରିୟ ମାଧ୍ୟମଭାବେ କାମ କରୁଛନ୍ତି ।

ପାକିସ୍ଥାନର ମୁଜାଫରବାଦଠାରେ ଜଣେ ମୌଲାନା ପରିବର୍ତ୍ତନକାରୀ ମହିଳା ମାନଙ୍କୁ ଏକ ସ୍ଥାନୀୟ ମସଜିଦ୍‌ରେ ପବିତ୍ରବାଣୀ ପାଠକରିବାକୁ ନିମନ୍ତ୍ରଣ କରିଥିଲେ । ଏହି ଅଧିବେଶନର ଆରମ୍ଭ, ସେ ନିଜର ଝିଅକୁ କୋରାନ୍‌ର ପବିତ୍ର ଧାଡ଼ିଗୁଡ଼ିକୁ ପାଠ କରିବା ସହ କରିଥିଲେ ।

ଭାରତର ତାମିଲନାଡୁସ୍ଥିତ କରୁର ଠାରେ ଜଣେ ପୁରୋହିତ, ମନ୍ଦିରର  ଦୈନିକ ଉପଗୃର ବା ପାର– ରିକ କାର୍ଯ୍ୟକଳାପ ସରିବାପରେ, ସେହିଠାରେ ଏକତ୍ରିତ ଲୋକଙ୍କ ଗହଣରେ, ଏହି ଅଭିଯାନର ବୈଶିଷ୍ଟ୍ୟ ଗୁଡ଼ିକୁ ଆଲୋଚ଼ନା କରନ୍ତି ।

ଶ୍ରୀଲଙ୍କାର ଇସଲାମଫେଥ୍ ଗାଁର ଗୋଟିଏ ମସଜିଦ୍‌ରେ, ଜଣେ ମୌଲାନା, ନିୟମିତ ଭାବରେ ଅନ୍ୟ ସମସ୍ତ ସଦସ୍ୟମାନଙ୍କ ଗହଣରେ ଝିଅପିଲାମାନଙ୍କର ଅଧାଶିକ୍ଷାରେ ସ୍କୁଲ ଛାଡ଼ିବା, ସେମାନଙ୍କର ଶୀଘ୍ର ବାହାଘର ଏବଂ ଯାତାୟତ ଉପରେ ପ୍ରତିବନ୍ଧକ ପରି ପ୍ରସଙ୍ଗ ଉପରେ ଆଲୋଚ଼ନା କରି ସଚ଼େତନତା ସୃଷ୍ଟି କରନ୍ତି ।

ଆଜି ଏହି ପରିବର୍ତ୍ତନକାରୀ ମାନେ ସେହିସବୁ କ୍ଷେତ୍ରରେ ଏକ ପରିବର୍ତ୍ତନର ଆହ୍ୱାନ କରିଛନ୍ତି ଏବଂ ପରିବର୍ତ୍ତନ ଆଣିଛନ୍ତି, ଯେଉଁସବୁ କ୍ଷେତ୍ରକୁ ପୂର୍ବରୁ ସାମାଜିକ ପରିବର୍ତ୍ତନ ଏବଂ ସେ ସମ୍ବନ୍ଧୀୟ କଥାବାର୍ତ୍ତା ପାଇଁ ପ୍ରତିବନ୍ଧିତ ବୋଲି ବିବେଚ଼ନା କରାଯାଉଥିଲା ।

**ଟେଲିଭିଜନ୍ ର ସାଧାରଣ ବିଜ୍ଞାପନ କାର୍ଯ୍ୟକ୍ରମ ଛଡ଼ା, ସୃଜନଶୀଳ ତଥା ନୂତନ କାର୍ଯ୍ୟକ୍ରମ ଏହାକୁ ଏକ କ୍ରମାଗତ ପରିବର୍ତ୍ତନକାରୀ ହିସାବରେ କୋଟି କୋଟି ଘରେ ପହଞ୍ଚାଇ ପାରିଛି ।**

ପାକିସ୍ଥାନରେ ଏକ ସଂଗୀତ ରୂପାନ୍ତର "ଅପ୍‌ନା ଫୈସଲା", ନା " ନିଜର ନିଷ୍ପତ୍ତି" ର ପ୍ରସ୍ତୁତି ସେଠାରେ ହେଉଥିବା "ସମ୍ମାନାର୍ଥେ ହତ୍ୟା" ଭଳି ସ୍ପର୍ଶକାତର ବିଷୟ ଉପରେ ଆଲୋଚ଼ନା କରିବାପାଇଁ ଖୋରାକ ଯୋଗାଇଛି ।

ବାଙ୍ଗଲାଦେଶରେ ପାରିବାରିକ ହିଂସା ଉପରେ ଏକ ଟେଲିଭିଜନ୍ ସିରିଆଲ୍ "ମନର ଝରକା" ଜାତୀୟ ସ୍ତରରେ ATN Bangla ଦ୍ୱାରା ପ୍ରସାରିତ ହୋଇଥିଲା । ଓଡ଼ିଆରେ ବିରୋଧ ନାମକ ଟେଲିଭିଜନ୍ ସିରିଆଲ୍ ମଧ୍ୟ ଦୂରଦର୍ଶନ ତରଫରୁ ପ୍ରସାରିତ ହୋଇ ବହୁ ସଂଖ୍ୟାରେ ପରିବର୍ତ୍ତନକାରୀଙ୍କ ପାଖରେ ପହଞ୍ଚିପାରିଥିଲା ।

ଏହି ଚେଷ୍ଟାଦ୍ୱାରା ଅଭିଯାନ ମନୋରଞ୍ଜନକାରୀ ହୋଇ ମଧ୍ୟ ପରିବର୍ତ୍ତନ ଆଣିବାରେ ପ୍ରଭାବଶାଳୀ ହୋଇପାରିଥିଲା ।



# ପରିବର୍ତ୍ତନର ବାର୍ତ୍ତା

## ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ


BANK
ଏହି ଅଭିଯାନର ଏକ ଅଂଶ ହୋଇଥିବାରୁ, ଆମ ମାନଙ୍କ ମଧ୍ୟରୁ ଅନେକ ବର୍ତ୍ତମାନ ଏହି ସାମୁହିକ କାର୍ଯ୍ୟକଳାପର ଗୁରୁତ୍ୱକୁ ଉପଲବ୍ଧୀ କରିବା ଆରମ୍ଭ କଲେଣି ।
ଯଦି ମୁଁ ମୋର ବ୍ୟାଙ୍କକୁ ସଚେତନତା ସୃଷ୍ଟିପାଇଁ ବ୍ୟବହାର କରିବି ତେବେ କ୍ଷତି କେଉଁଠି? ତେବେ ଯାଇ ଆମେ ସମସ୍ତେ ମିଳିମିଶି କାମ କରିପାରିବା ଏବଂ ଆମେ ପାରିବା !!
ଗୋଟିଏ ହିଂସାମୁକ୍ତ ପରିବାରର ଦିଗରେ ପୁଞ୍ଜି ନିବେଶ କରନ୍ତୁ ଏବଂ ବଦଳରେ ପାଆନ୍ତୁ ଖୁସି ଏବଂ ପ୍ରଗତି ।
मुक्त जीवन सबका
ତେଣୁ ଆମେ କିଛି କିଛି ଅଭିଯାନ ସମ୍ବନ୍ଧୀୟ ଉପକରଣ ବ୍ୟାଙ୍କ ର ନୋଟିସ ବୋଲ୍ଡରେ ଲଗେଇଲୁ ଯାହାକି ଲୋକଙ୍କ ଦୃଷ୍ଟିରେ ପଡୁଛି ।
ତେଣୁ ଆମେ କଥାବାର୍ତ୍ତା ଜୋରସୋରରେ ଆରମ୍ଭ କରିଛୁ । ଲୋକମାନେ ମଧ୍ୟ ସେମାନଙ୍କର ସମସ୍ୟା, ସନ୍ଦେହ ତଥା ମତାମତ ମଧ୍ୟ ପଠାଇବା ଆରମ୍ଭ କରିଛନ୍ତି ।



ଏବଂ ବର୍ତ୍ତମାନ ଆମର ବ୍ୟାଙ୍କର ଗଚ୍ଛିତ ସୂଚ଼ନା ମଧ୍ୟ ଏକ ସକ୍ରିୟ ପରିବର୍ତ୍ତନକାରୀ । ଆମେ ସମସ୍ତେ ମିଳିମିଶି ଏହି ଅଭିଯାନକୁ ଆଗକୁ ବଢ଼ାଇପାରିବା ।

# ଉଚ୍ଚ ସୁଧ ଲାଭ

ପାକିସ୍ଥାନର ଭବଲପୁରସ୍ଥିତ ହାବିବ୍ ବ୍ୟାଙ୍କର ଶାଖା ବର୍ତ୍ତମାନ ନିଜର ସ୍ୱତନ୍ତ୍ରଶୈଳୀ ମାଧ୍ୟମରେ ଗୋଟିଏ ସକ୍ରିୟ ଆନୁଷ୍ଠାନିକ ପରିବର୍ତ୍ତନକାରୀ । ଏହା ନିଜର କାର୍ଯ୍ୟକ୍ରମ ଛୋଟ ଛୋଟ ପଦକ୍ଷେପରୁ ଆରମ୍ଭ କରିଛି ଯେପରି ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ବସିବା ସ୍ଥାନର ବନ୍ଦୋବସ୍ତ କରିବା ଏବଂ ମହିଳା କର୍ମୀଙ୍କୁ ନିଯୁକ୍ତି ଦେବା । ନିକଟରେ ବ୍ୟାଙ୍କର କର୍ମଚାରୀମାନଙ୍କ ପାଇଁ ଲିଙ୍ଗୀୟ ସମ୍ବେଦନଶୀଳତା ଉପରେ ଏକ କର୍ମଶଳା ଆୟୋଜିତ ହୋଇଥିଲା ।

**ଆଜି, ଏହି ବ୍ୟାଙ୍କ ମହିଳାମାନଙ୍କ ପାଇଁ ଉପଯୋଗୀ ହୋଇପାରିବା ପରି ସମସ୍ତ ସୁବିଧାମାନ ଦେଉଛି ଓ ଏହାଦ୍ୱାରା ତାଙ୍କର ମହିଳା ଗ୍ରାହକ ବା ସଦସ୍ୟା ବୃଦ୍ଧିପାଇଁ ଆକର୍ଷଣ ସୃଷ୍ଟି ହୋଇଛି ।**

# ସ୍ୱାସ୍ଥ୍ୟ ସେବୀ ପରିବର୍ତ୍ତନକାରୀ

ବାଙ୍ଗଲାଦେଶରେ ୧୦ ଟି ଜିଲ୍ଲାର ନର୍ସିଂ ଶିକ୍ଷାନୁଷ୍ଠାନ ଗୁଡ଼ିକ ଏହି ଅଭିଯାନରେ ଆନୁଷ୍ଠାନିକ ଭାବରେ ସାମିଲ ହୋଇଛନ୍ତି । ଏହି ଅନୁଷ୍ଠାନ ଗୁଡ଼ିକ ନିୟମିତ ଭାବରେ ତାଙ୍କର ଛାତ୍ରଛାତ୍ରୀମାନଙ୍କ ପାଇଁ ସେମିନାର ଓ କର୍ମଶାଳାର ଆୟୋଜନ କରିଥାନ୍ତି ଏବଂ ମହିଳାଙ୍କ ବିରୁଦ୍ଧରେ ହିଂସା ଆଦି ପ୍ରସଙ୍ଗରେ ତାଙ୍କର ରୋଗୀ ଏବଂ ଗୋଷ୍ଠୀରେ ଆଲୋଚ଼ନା କରିଥାନ୍ତି ।

ଭାରତର ତାମିଲନାଡୁରେ ସିଦ୍ଧ ଡାକ୍ତରମାନେ ପରିବର୍ତ୍ତନକାରୀ ସମୂହ ହିସାବରେ କାମ କରନ୍ତି । ସପ୍ତାହରେ ୩ ଥର ୫–୪ ଘଣ୍ଟା ପାଇଁ ଗାଁ ମାନଙ୍କରେ ଅଭିଯାନ ସମ୍ବନ୍ଧୀୟ ଚର୍ଚ୍ଚା କରିଥାନ୍ତି ।

**ଏହି ସମଗ୍ର ଅଞ୍ଚଳରେ କେତେକ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ, ପ୍ରତିଦିନ ଗୋଷ୍ଠୀସହିତ ଏହି ଅଭିଯାନ ବିଷୟରେ କିଛି ନା କିଛି, କିଛି ଘଣ୍ଟା ଯାଏ ଆଲୋଚ଼ନା କରନ୍ତି ।**



# ପର  ରାର ପଝ ପରିବର୍ତ୍ତନ



# ଅନେକ ଗୁଡ଼ିଏ ଗୋଷ୍ଠୀର ବହୁଦିନ ଧରି ଚାଲିଆସୁଥିବା ପ୍ରଥା ଓ ପର  ରା ଗୁଡ଼ିକ ବଦଳିବାରେ ଲାଗିଛି ଏବଂ ନୂଆ ନୀତି ଓ ଅଭ୍ୟାସ ଗୁଡ଼ିକ ପରିବର୍ତ୍ତନକାରୀ ପରି କାମ କରୁଛି ।

ଉତ୍ତର ପ୍ରଦେଶର ବଳରାମପୁରଠାରେ ପ୍ରଚଳିତ ପ୍ରଥା ଅନୁସାରେ ପୁଅମାନେ ଏକ ଝିଅ କଣ୍ଢେଇକୁ କୁଦୃଷ୍ଟି ଦୂର ପାଇଁ ମାଡ଼ମାରନ୍ତି । କିଛି ପରିବର୍ତ୍ତନକାରୀ ଏହି ପ୍ରଥାକୁ ଆହ୍ୱାନ ଦେଇଥିଲେ ଏକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥିଲେ ।

ବର୍ତ୍ତମାନ ମାଡ଼ ମାରିବା ପରିବର୍ତ୍ତେ, ସେମାନେ ଏହି କଣ୍ଢେଇକୁ ଦୋଳିରେ ବସାଇ ମିଠା ଖୁଆଉଛନ୍ତି ।

ପାକିସ୍ଥାନରେ ଜଣେ ପରିବର୍ତ୍ତନକାରୀ ଦ୍ୱାରା ପ୍ରଭାବିତ ହୋଇ, ଯିଏ କି ଜଣେ ଆଦିବାସୀ ସଂପ୍ରଦାୟର, ଜିରୁମା ଆଞ୍ଚଳିକ ସମସ୍ୟା ସମାଧାନ ଦଳ, ମହିଳାମାନଙ୍କ ବିନା ଉପସ୍ଥିତିରେ ସେମାନଙ୍କ ସମ୍ବନ୍ଧୀୟ କୌଣସି ମକଦ୍ଦମାର ବିଚାର କରୁ ନାହାନ୍ତି । ଏହା ଏକ ଗୁରୁତ୍ୱପୂର୍ଣ୍ଣ କଥା, କାରଣ ଜିରୁମା କେବଳ ପୁରୁଷମାନଙ୍କର ଏକ ସମଷ୍ଟି ।

ଏହି ପରି ବିଭିନ୍ନ ପ୍ରକାରର ଉଲ୍ଲେଖନୀୟ କାର୍ଯ୍ୟକଳାପ ଗୁଡ଼ିକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ବହୁ ସମସ୍ୟା ଓ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା, କିନ୍ତୁ ବର୍ତ୍ତମାନ ଏହାକୁ ବିଭିନ୍ନ ଗୋଷ୍ଠୀ ଆଗ୍ରହରେ ଗ୍ରହଣ କରିଛନ୍ତି ଏବଂ ଏହା ଆଦୃତ ହେଉଛି ।

## ଆଜି, ବିଚାରପତି ଓ ଓକିଲମାନେ ନିଜ ବିଚାରାଳୟ ପରିସରରୁ ବାହାରେ ମଧ୍ୟ ଏହି ପ୍ରକ୍ରିୟାକୁ ସମର୍ଥନ କରୁଛନ୍ତି ।

ପାକିସ୍ଥାନରେ, ଜଣେ ଓକିଲ, କେବଳଯେ ମହିଳାମାନଙ୍କୁ ମାଗଣାରେ ଆଇନଗତ ପରାମର୍ଶ ଓ ସେବା ଯୋଗାଇଦେଉଛନ୍ତି ତା ନୁହେଁ, ବରଂ ସେ ମହିଳାମାନଙ୍କୁ ଭେଦଭାବ କରାଯାଇଥିବା ଘଟଣାଗୁଡ଼ିକୁ ଆଲୋକପାତ କରି କ୍ରିମିନାଲ  ଜଷ୍ଟିସ୍ ସିଷ୍ଟମ୍‌ରେ ମଧ୍ୟ କାମ କରୁଛନ୍ତି ।

ଭାରତର ଡିୟୁରେ ଓକିଲ ଓ ବିଚାରପତିମାନେ, ସେମାନଙ୍କର ସମର୍ଥନ କରାଇବାକୁ ଆଗଭର ହୋଇ ଆସିଛନ୍ତି ଓ ଗୋଷ୍ଠୀରେ ବା ସମାଜରେ ଚେଞ୍ଜ ମେକର ଭାବରେ କାମ କରୁଛନ୍ତି । ଏକ ସୁଦୃଢ଼ ପଦକ୍ଷେପ ଭାବରେ, ସେମାନେ ଜିଲ୍ଲା ଆଇନଗତ ସେବା ମାଧ୍ୟମରେ ଏକତ୍ରିତ ହୋଇଛନ୍ତି ଏବଂ ଏହି ଅଭିଯାନକୁ ସମର୍ଥନ କରିବାକୁ ଆଗେଇ ଆସିଛନ୍ତି । ଜିଲ୍ଲା ଆଇନଗତ ସେବା ଏବଂ ବାର ଆସୋସିଏସନର ମିଳିତ ଉପକ୍ରମ ଫଳରେ ବର୍ତ୍ତମାନ ଏମାନେ ବିଭିନ୍ନ ଶୋଭାଯାତ୍ରା, କଥୋପକଥନ ଅଧିବେଶନ ଏବଂ ଗୋଷ୍ଠୀଗୁଡ଼ିକ ସହ ଆଲୋଚ଼ନା ଦ୍ୱାରା ଏହାକୁ ସମର୍ଥନର ସ୍ୱର ଉତ୍ତୋଳନ କରାଉଛନ୍ତି । ଏହା କେବଳ ଯେ ଏହି ଅଭିଯାନକୁ ସୁଦୃଢ଼ କରିଛି ତା ନୁହେଁ ବରଂ ଏହା ଦ୍ୱାରା ଗୋଷ୍ଠୀ ଗୁଡ଼ିକ ପାଇଁ ଏହି ସଂସ୍ଥା ଗୁଡ଼ିକ ଅଧିକ ଗ୍ରହଣୀୟ  ହୋଇପାରୁଛି ।


WE CAN
ସମର୍ଥନ ପ୍ରାପ୍ତି
କୋର୍ଟ ମାଧ୍ୟମରେ
WE CAN

## WE CAN REGIONAL CAMPAIGN SECRETARIAT

27, Community Centre
East of Kailash
New Delhi 110 065
India
Phone: + 91 11 4239 6000
Fax: + 91 11 4239 6099

### WE CAN India

Campaign National Secretariat
4/203, Ist Floor, Kaushalya Park
Hauz Khas, New Delhi- 110 016
Phone: 91 11 46110348/46110349
Email: wecanindiacampaign@gmail.com

### WE CAN Nepal

Campaign National Secretariat
Post Box No. 2500, Jawalakhel, Lalitpur
Nepal
Phone/Fax: +977-1-5523652
Email: campaign2endvaw@yahoo.com

### WE CAN Afghanistan

Campaign National Secretariat
Oxfam GB
House No. 398, Street No. 1
Quala-e-Fatehullah
Post Box No. 681
Kabul, Afghanistan

### WE CAN Bangladesh

Campaign National Secretariat
6/4 A, Sir Sayed Road (2nd Floor)
Mohammadpur, Dhaka - 1207
Bangladesh
Phone:88 02 9130265
Email: wecan_secretariatbd@yahoo.com

### WE CAN Sri Lanka

Campaign National Secretariat
No- 12-A, Ridgeway Place
Colombo - 04
Sri Lanka
Phone: (0094) 11 3050969
Fax: (0094) 11 4541906
Email: wecansrilanka@gmail.com

### WE CAN Pakistan

End 'Honour' Killing Campaign
SPO National Centre
House # 429, Street # 11
Sector F-10-2
Islamabad, Pakistan
Phone: +92 51 2104677, 2104680
Fax: + 92 51 2112787
Email: secretariat@wecanendvaw.org

WE CAN
End All violence against women

www.wecanendvaw.org

**design: invertedcommasindia@yahoo.com/ illustrations: vishwajyoti ghosh**